# Akashvani, Sambalpur

# SAMBALPURI NEWS BULLETIN

## 6 November 2025 – 6.47- 6.52 am.

**************************************************

କଟକ ବାଲିଯାତ୍ରା          ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

କଟକକେ ତାରକସି କେନ୍ଦ୍ରସ୍ଥଲ୍ କରାଯିବା ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ । କଟକର ଐତିହାସିକ ବାଲିଯାତ୍ରାକେ ଗଲାକାଏଲ୍ ଉଦ୍‌ଘାଟନ୍ କରିକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ବାଲିଯାତ୍ରା ହଉଛେ ଓଡ଼ିଆ ଜାତିର ଗୌରବ, ସାହାସ୍ ଆଉ ବାଣିଜ୍ୟିକ୍ ଐତିହ୍ୟର ଜୀବନ୍ତ ଉଦାହରଣ । ଇ ଧାରାକେ ଆଗ୍‌କେ ନେବାର୍ ସହେତେ ଓଡ଼ିଶାକେ ଭାରତର ପୂର୍ବ ମୁଖଶାଳା କରାଯିବା । ସେନ୍ତା ଐତିହାସିକ ବାଲିଯାତ୍ରାକେ ୟୁନେସ୍କୋ ବିଶ୍ୱ ଐତିହ୍ୟସ୍ଥଲୀ ଭାବେ ମାଏନ୍‌ତା ଦେବାର୍ ଲାଗି ସରକାରଙ୍କର ତର୍‌ଫୁ ଚେରେଷ୍ଟା ମୁଲ୍ ହେଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍.....

(ଭଏସ୍----ମୁଖ୍ୟମନ୍ତ୍ରୀ)

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ବାଲିଯାତ୍ରା ଅନୁଦାନ୍‌କେ ୨ନୁ ୧୦ କୋଟିକେ ସରକାରା ବଢ଼େଇଛନ୍ ବଲି ଘୋଷଣା କରିଛନ୍ । ସେନ୍ତା ମହାନଦୀ ରିଭର୍ ଫ୍ରଂଟ୍ ଯୋଜ୍‌ନାଥି କଟକ ମହାନଦୀ ଖଣି

ସୌନ୍ଦର୍ଯ୍ୟକରଣ ଲାଗି ୨ ଶହ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ରାଜ୍ୟପାଲ ଭାଗବତ ଉତ୍ସବ I&PR

ଶ୍ରୀ ଗୁରୁ ଭାଗବତ ଆଧ୍ୟାତ୍ମିକ ସାହିତ୍ୟର ଜଗତ୍ନ ଗୁଟେ ସ୍ଥାୟୀ ଉକିଆର୍ ରାହା ବଲି ରାଜ୍ୟପାଲ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ । ରାଜଭବନ୍ଠାନେ ଗଲାକାଏଲ୍ ହେଇଥିବା ଶ୍ରୀଗୁରୁ ଭାଗବତ ଉତ୍ସବ୍ଥି ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ରାଜ୍ୟପାଲ ଡକ୍ଟର କମ୍ଭମପାଟି କହିଛନ୍, ଭାଗବତ ଓଡ଼ିଆ ଭାଷାଥି ଲେଖା ହେଇଥିଲେ ଭିଲ୍ ଭାଷା, ବିଶ୍ୱାସ ଆଉ ଭୁଗୋଲ୍ର ସବୁ ସୀମା ଡେଁଇଛେ । ଇଟା ଖାଲି ସ୍ଲୋକର୍ ସଂଗ୍ରହ ନୁହେ, ଆଧ୍ୟାତ୍ମିକ ଜାଗରଣର ଜୀବନ୍ତ ସ୍ପନ୍ଦନ ବଲି ରାଜ୍ୟପାଲ କହିଛନ୍ ।

ସୁଭଦ୍ରା ଶକ୍ତିମେଳା I&PR

ଭୁବନେଶ୍ୱର ଇଡ୍କୋ ପ୍ରଦର୍ଶନୀ ପଡ଼ିଆ ନ ଚାଲିଥିବା ସୁଭଦ୍ରା ଶକ୍ତି ମେଲାଥି ମଡ଼ିଆ ତିଆରି ଦରବ୍ମାନକୁ ଲୁକେ ବହୁତ୍ ପସନ୍ଦ କରୁଥିବାର୍

ଦେଖିବାର୍‌କେ ମିଲୁଛେ । ମଡ଼ିଆର୍ ପୋଡ଼ପିଠା, ଗୁରସ୍ ଗଜାନୁ ମୁଲ୍ କରି କରି ମଡ଼ିଆ ଲଡୁ, ବିସ୍କୁଟ୍, ବାଜ୍‌ରା ଦୋସା, ନୁଡ୍‌ଲ୍‌ସ ଖାଏବାର୍ ଲାଗି ଲୁକ୍‌କର ଭିଡ଼ ଜମୁଛେ । ଆଧୁନିକ ବଜାରର୍ ଚାହିଦାକେ ନଜର୍‌ଥି ରଖିକରି ସ୍ୱୟଂ ସହାୟକ୍ ଗୋଷ୍ଠୀର୍ ମହିଲାମାନେ ମଡ଼ିଆନୁ ମାଏନ୍‌ମନ୍‌ସା ଖାଏବାର୍ ଦରବ୍ ବନେଇକରି ଲୁକ୍‌କର ମନ୍ ଜିତିପାରୁଛନ୍ । ସୁଭଦ୍ରା ଶକ୍ତି ମେଳାଥି ଓଡ଼ିଶା ଗାଁଗହଳିର୍ ଖାନ୍‌ପାନ୍‌କେ ନୂଆ ପରିଚୟ ଆନିଦେଇଛେ । ମେଳାଥି ୪ ଦିନ୍ ଭିତ୍‌ରେ ୨ କୋଟି ୨୦ ଲାଖ୍ ଟଙ୍କାର୍ ବେପାର୍ ହେଇଥିବା ଜନାପଡ଼ିଛେ ।

ଇଣ୍ଡିଆନ୍ ରୋଡ୍ କଂଗ୍ରେସ୍ ସମ୍ମିଲନୀ ଆର୍‌ଏନ୍‌ୟୁ ସମ୍ବଲପୁର

ଭାରତ୍‌ର ସଡ଼କ ଭିତିଭୂମିର୍ ବିକାଶ୍ ଲକ୍ଷ୍ୟଥି ଆଏବାକାଏଲ୍ ଭୁବ୍‌ନେଶ୍ୱର୍ ଜନ୍‌ତା ମଇଦାନ୍ ନ ୮୪ ନମ୍ବର୍ ଇଣ୍ଡିଆନ୍ ରୋଡ୍ କଂଗ୍ରେସ୍ ସମ୍ମିଲନୀ ମୁଲ୍ ହେବା । କେନ୍ଦ୍ର ସଡ଼କ, ପରିବହନ୍ ଆଉ ରାଜପଥ ମନ୍ତ୍ରୀ ନୀତିନ୍ ଗଡ୍‌କରୀ କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କର୍‌ବେ । ୫ ଦିନ୍ ଧରିକରି ହେବାର୍‌କେ ଥିବା ଇ ସମ୍ମିଲନୀଥି ସଡ଼କ୍ ଭିତିଭୂମି, ଉନ୍ନତିକରଣ୍ ଆଉ ନୂଆଁ କାର୍ଯ୍ୟକୌଶଲ୍ ବାବ୍‌ଦେ ଆଲୋଚନା କରାଯିବା । ଦେଶର୍ ଭିନ୍ ଭିନ୍ ଜାଗା ନୁ ବିଶେଷଜ୍ଞ, ବୈଜ୍ଞାନିକ, ସଡ଼କ ଯନ୍ତ୍ରୀମାନେ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ ।

ବନ୍ଦେ ମାତରମ୍- ଶହେ ୫୦ ବଛର୍ ଆର୍ଏନ୍ୟୁ/ କଟକ୍/ ଏକ୍ସ

ସ୍ୱାଧୀନତା ଆନ୍ଦୋଲନ୍‌ର ମୂଲ୍ୟବୋଧ ସଙ୍ଗେ ଯୁଆନ୍ ପିଢ଼ି ଆଉ ଛାତ୍ରଛାତ୍ରୀମାନ୍‌କୁ ଜୁଡ଼୍‌ବାର୍ ଲାଗି ଆଏବାକାଏଲ୍‌ଠାନୁ ରାଷ୍ଟ୍ରୀୟ ସଂଗୀତ ବନ୍ଦେ ମାତରମ୍‌ର ଶହେ ୫୦ ବଛର୍ ପୂର୍ତି ପାଲନ୍ କରାଯିବା । ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କର୍ ଲିଖିତ୍ ଇ କବିତାକେ ୧୮୯୬ ମସିହା ବେଲ୍‌କେ ଗୁରୁଦେବ ରବୀନ୍ଦ୍ର ନାଥ୍ ଟାଗୋର୍ ପହେଲାକରି ଗାଇଥିଲେ । ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ୍ ତର୍‌ଫୁ ରାଜ୍ୟର ବିଦ୍ୟାଳୟ ଆଉ ମହାବିଦ୍ୟାଳୟ ମାନ୍‌କେ ବନ୍ଦେ ମାତରମ୍‌ର ଶହେ ୫୦ ବଛର୍ ପୂର୍ତି ଅବ୍‌ସରେ ଖାସ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯିବା । ଇ ଅବ୍‌ସରେ ଛାତ୍ରଛାତ୍ରୀମାନେ ବନ୍ଦେ ମାତରମ୍ ଗାଏବେ ।

ଥାନାଧିକାରୀ କର୍ମଶାଳା I&PR

ଭୁବନେଶ୍ୱର ପୁଲିସ ଭବନ୍‌ଠାନେ ଓଡ଼ିଶା ପୁଲିସ, ରେଲବାଇ ଆଉ ସମୁଦ୍ର ଖଣି ସୁରକ୍ଷା ମୁଖ୍ୟାଳୟ ତର୍‌ଫୁ ସରକାରୀ ରେଲବାଇ ଥାନା ଆଉ ସାମୁଦ୍ରିକ ଥାନା ଅଧିକାରୀମାନ୍‌କର ଗୁଟେ କର୍ମଶାଲା ହେବା । ପୁଲିସ ମହାନିର୍ଦ୍ଦେଶକ ଯୋଗୋଶ ବାହାଦୂର ଖୁରାନିଆ କର୍ମଶାଳାଥି ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ଇତାର୍ ଉଦ୍‌ଘାଟନ୍ କର୍‌ବାର୍

କାର୍ଯ୍ୟକ୍ରମ୍ ରହିଛେ । କର୍ମଶାଳାଥି ସମୁଦ୍ର ଖଣି ଇଲାକାମାନ୍‌କର ସୁରକ୍ଷା ଆଉ ରେଲବାଇ ସଙ୍ଗେ ତାଲ୍‌ମେଲ୍ ରଖିକରି କାମ୍ କର୍‌ବାର ବାବ୍‌ଦେ ଥାନାଧିକାରୀମାନ୍‌କୁ ତାଲିମ ଦିଆଯିବା ବଲି ଜନାପଡ଼ିଛେ ।

ନୀଲକଣ୍ଠ ଦାଶ ଶ୍ରାଦ୍ଧ I&PR

ଓଡ଼ିଶା ବିଧାନସଭା ପରିସର ନ ଆଏଜ୍ ପଣ୍ଡିତ ନୀଲକଣ୍ଠ ଦାଶଙ୍କର ଶ୍ରାଦ୍ଧ ବାର୍ଷିକୀ ସମାରୋହ ପାଲନ୍ କରାଯିବା । ଇ ଅବ୍‌ସରେ ବାଚସ୍ପତୀ ସୁରମା ପାଢ଼ୀଙ୍କର ସହେତେ ମନ୍ତ୍ରିମଣ୍ଡଲର ସଦସ୍ୟ, ବିଧାୟକ ଆଉ ବହୁତ୍ ମାଏନ୍‌ତା ବ୍ୟକ୍ତିବିଶେଷ୍ ଉପସ୍ଥିତ ରହିକରି ପଣ୍ଡିତ ନୀଲକଣ୍ଠରଙ୍କ ପ୍ରତିମୂର୍ତିଥି ମାଲ୍ୟାର୍ପଣ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ ।

ମହାନଦୀ ଆଲ୍‌ତି ସୁବର୍ଣ୍ଣପୁର ସମ୍ବାଦଦାତା

ସୁବର୍ଣ୍ଣପୁର ତ୍ରିବେଣୀ ସଙ୍ଗମ ସ୍ୱର୍ଣ୍ଣପ୍ରୟାଗ୍ ଘାଟ୍ ନ ଗଲାକାଏଲ୍ ସଙ୍ଗମ୍ ମହାଆଲ୍‌ତି ହେଇଯାଇଛେ । ନଦୀର ସୁରକ୍ଷା ଆଉ ପାନିର ସ୍ୱଚ୍ଛତା ବାର୍ତା ନେଇକରି ସଙ୍ଗମ ମହାଆଲ୍‌ତି ମଣ୍ଡପ୍ ନ ଚନ୍ଦ୍ରଙ୍କୁ ଆଲଟ ଚାମର କରି କରି କର୍ପୁର ମିଶା ପଂଚଆଲ୍‌ତି ଅର୍ପଣ କରାଯାଇଥିଲା । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଳ ନୃପରାଜ ସାହୁ ଯୋଗ୍ ଦେଇକରି ସୁବର୍ଣ୍ଣପୁରର

ସାଂସ୍କୃତିକ ଅସ୍ମିତାର୍ ପ୍ରତୀକ୍ ନଦୀର ସୁରକ୍ଷା ଆଉ ପାଏନ୍‌ର ପବିତ୍ରକେ ବଜାୟ ରଖିବାର୍ ଲାଗି ଆହ୍ୱାନ ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ସବୁ ଜାଗା ନ ଆଏବା ୨୪ ଘଂଟା ଭିତ୍‌ରେ ପାଗ୍ ଶୁଖା ରହେବା । ଗଲା ଦୁଇ ୩ ଦିନ୍ ହେଲା ରାଜ୍ୟର୍ ବଡ଼ଭାଗୀ ଜାଗା ନ ରାତିର୍ ତାପମାତ୍ରା କମିଛେ । ଆଏବା ଦିନେ ୨ ଦିନ୍ ଭିତ୍‌ରେ ଆହୁରି ୨ ନୁ ୪ ଡିଗ୍ରୀତକ୍ ତାପମାତ୍ରା କମ୍‌ବା ଆର୍ ଶୀତ୍ ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।